# ଅଯୋଧ୍ୟା ରାୟ...

ଏହି ମାମଲାର ଶୁଣାଣି କରୁଥିବା ସୁପ୍ରିମକୋର୍ଟ ବିଚାରପତିଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠର ଅନ୍ୟତମ ବିଚାରପତି ଜଷ୍ଟିସ୍ ଅଶୋକ ଭୂଷଣଙ୍କ ଘର ଆଗରେ ଅହରହ ପ୍ରହରା ବ୍ୟବସ୍ଥା କରାଯାଇଛି। ଜଷ୍ଟିସ୍ ଭୂଷଣଙ୍କ ଅଶୋକନଗରସ୍ଥିତ ବାସଭବନରେ ଏକ ସେକ୍ସନ ପିଏସ୍‌ସି ଯବାନ ମୁତୟନ ହୋଇଛନ୍ତି। ସମ୍ଭାବ୍ୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାମ ଜନ୍ମଭୂମି ନ୍ୟାସ ପକ୍ଷରୁ ରାମମନ୍ଦିର ନିର୍ମାଣ ପାଇଁ ଚାଲିଥିବା ପଥର ଖୋଦେଇ କାର୍ଯ୍ୟ ବନ୍ଦ ରଖାଯାଇଛି। ଅଯୋଧ୍ୟାରେ ୨.୭୭ ଏକର ଜମିକୁ ନେଇ ଏହି ବିବାଦ ଲାଗିରହିଛି। ୨୦୧୦ରେ ଆହ୍ଲାବାଦ ହାଇକୋର୍ଟ ଏହି ଜମିକୁ ନିର୍ମୋହି ଆଖଡ଼ା, ସୁନ୍ନି ୱାକଫ୍ ବୋର୍ଡ ଓ ରାମଲାଲାଙ୍କ ମଧ୍ୟରେ ସମାନ ଭାବରେ ବାଣ୍ଟିଦେବାକୁ ଦେଇଥିବା ରାୟକୁ ସୁପ୍ରିମକୋର୍ଟରେ ଚାଲେଞ୍ଜ୍ କରାଯାଇଥିଲା। ଏହା ଉପରେ ସୁପ୍ରିମକୋର୍ଟ ଫଇସଲା ଶୁଣାଇବେ।

# ଡ୍ରଗ୍ସ ମାଫିଆ...

କରୁଥିବା ବେଳେ ଅଭିଯୁକ୍ତମାନେ ଖସି ପଳାଇବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ଗାଁ ଲୋକେ ଉଠି ଆସିବାରୁ ସେମାନେ ବାଇକ ଛାଡ଼ି ଚମ୍ପଟ ମାରିଥିଲେ। ପୁଲିସ ଓ ଗାଁ ଲୋକେ ବାପ-ପୁଅଙ୍କୁ ଉଦ୍ଧାର କରି ଏମ୍ସରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ଅନୀଲଙ୍କର ମୃତ୍ୟୁ ଘଟିଥିଲା। ଅଭିମନ୍ୟୁର ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଡିସିପିଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଗୁଳିକାଣ୍ଡ ପରେ ବାହାଦଲପୁର ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ଦୁଇ ଗାଁ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିବା ଆଶଙ୍କା କରି ଘଟଣାସ୍ଥଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ୩ ପ୍ଲାଟୁନ ପୁଲିସ ଫୋର୍ସ ଗାଁରେ ମୁତୟନ କରାଯାଇଥିବା ବେଳେ ଜଣେ ଅତିରିକ୍ତ ଡିସିପି, ୪ଜଣ ଏସିପିଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ସେହିପରି ହତ୍ୟାକାରୀ ବାପି ଓ ତା'ର ସହଯୋଗୀକୁ ଧରିବା ଲାଗି ସ୍ପେଶାଲ ସ୍କ୍ୱାଡ ଓ ଖଣ୍ଡଗିରି ପୁଲିସର ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

ଉଲ୍ଲେଖଥାଉକି, ୨୦୧୪ ନଭେମ୍ବର ୨ ତାରିଖରେ ସରକଣ୍ଡରାର କୃତ୍ତିବାସ ପରିଡ଼ା ଓରଫ ସୋନୁକୁ ହତ୍ୟା କରାଯାଇଥିଲା। ବ୍ରାଉନସୁଗାର କାରବାରକୁ ନେଇ ଅଭିଯୁକ୍ତ ବାପି ଓ ସହଯୋଗୀ ସଞ୍ଜୟ ଖୁଣ୍ଟିଆ ଓରଫ ବାପୁନୀ ଏବଂ ଡ୍ରାଇଭର ଲାଲୁ ତାଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ୧୪ ଖଣ୍ଡ କରି ବିଭିନ୍ନ ନଦୀନାଳରେ ଫିଙ୍ଗି ଦେଇଥିଲେ। ଏପରିକି ନିଜେ ଅଭିଯୋଗକାରି ସାଜି ପୁଲିସକୁ ଭକୁଆ ବନାଇଥିଲେ। ଶେଷରେ ପୁଲିସ ସେମାନଙ୍କୁ ଗିରଫ କରିଥିଲା। କିଛିଦିନ ତଳେ ସେ ଜାମିନରେ ଆସି ବ୍ରାଉନସୁଗାର କାରବାର କରୁଥିଲା।